ISSN -2583-147X (P), **Vol.- 10, Issue No.II, May 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଆତ୍ମ-ସଚେତନ ମୂଳକ ଉପନ୍ୟାସ 'ଇତର'

**ଅଶୋକ କୁମାର ନାଏକ**

ସ୍ୱୟଂର ଅସ୍ତିତ୍ୱକୁ ଜାହିର୍ କରିବା । ଅନ୍ୟକୁ ନିଜର ଉପସ୍ଥିତି ସମ୍ପର୍କରେ ସଚେତନ କରାଇବା । ଆପଣାର ଦୋଷ-ଗୁଣ, ଭଲ-ମନ୍ଦ, ରୂପ-ଅରୂପର ବର୍ଣ୍ଣନା କରିବା । ନିଜକୁ ନିଜେ ପ୍ରଶ୍ନ କରିବା । ସେହି ପ୍ରଶ୍ନର ଉତ୍ତର ନିଜେ ସନ୍ଧାନ କରିବା । ଏସବୁ ମଧ୍ୟରେ ଲକ୍ଷ୍ୟ କରିହେବ ସଚେତନତା । ଗମ୍ଭୀର ଭାବେ ଯଦି କୁହାଯିବ ତା'ହେଲେ 'ଆତ୍ମ-ସଚେତନତା' (Self-consciousness) ।

ବଦଳୁଥିବା ଉପନ୍ୟାସର କଳାରେ ଏ ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀ (Self-conscious Narration Style) କଳାତ୍ମକ ଢଙ୍ଗରେ ପ୍ରବେଶ କରିଛି । ଯେଉଁଠି ଉପନ୍ୟାସ ନିଜର କଳାତ୍ମକ ଉପାଦାନଗୁଡ଼ିକୁ ବର୍ଣ୍ଣନା କରେ । ନିଜ ଆଙ୍ଗିକ ଗଠନକୁ ବିଶ୍ଳେଷଣ କରେ । ପାଠକକୁ ନିଜ କାଳ୍ପନିକତା (Fictionality) ପ୍ରତି ସଚେତନ କରାଏ । ମୋଟାମୋଟି ଭାବେ କହିବାକୁ ଗଲେ ଉପନ୍ୟାସରେ ଉପନ୍ୟାସର କାଳ୍ପନିକ ଉପାଦାନ ସମ୍ପର୍କରେ ସଚେତନ ଭାବେ ଦୃଷ୍ଟି ଆକର୍ଷଣ କରାଇବା ହିଁ ଆତ୍ମ-ସଚେତନମୂଳକ ଉପନ୍ୟାସ (Self-consciousness Novel) । ଏ ଧରଣର ଉପନ୍ୟାସୀୟ ଶୈଳୀରେ ଅନୁସନ୍ଧାନ କରିହେବ ଉପନ୍ୟାସର ବିଭିନ୍ନ କାଳ୍ପନିକ ଉପାଦାନ ସମ୍ପର୍କରେ ଉଲ୍ଲେଖ ବା ବର୍ଣ୍ଣନା ବା ବିଶ୍ଳେଷଣ ଥାଇ ଏହାକୁ ଏକ କଳ୍ପନାପୂର୍ଣ୍ଣ କଳା ଭାବରେ ସୁଚାଇ ଦେବା ଭଳି ବର୍ଣ୍ଣନା ଶୈଳୀ । ଏ ସମ୍ପର୍କରେ Brain Stonehill ମଧ୍ୟ ସମାନ ଧରଣର ମତ ଦିଅନ୍ତି, "a Self- consciousness novel is 'extended prose narrative that draws attention to its status as fiction."[୧]

ଆତ୍ମ-ସଚେତନମୂଳକ ଉପନ୍ୟାସ ଭଳି ଧାରାରେ ରଚିତ ହୋଇଥିବା ସଫଳ ଓଡ଼ିଆ ଉପନ୍ୟାସ 'ଇତର' (୨୦୨୧) । ଯାହାର ଲେଖକ ସାମ୍ବାଦିକ ଓ ପ୍ରକାଶକ ଔପନ୍ୟାସିକ ଶୁଭ୍ରାଂଶୁ ପଣ୍ଡା । ସେ ଓଡ଼ିଆ ସାହିତ୍ୟର କବିତା, ଗଳ୍ପ ତଥା ଉପନ୍ୟାସ କ୍ଷେତ୍ରରେ ଲେଖନୀ ଚାଳନା କରିବାରେ ରଚି ରଖନ୍ତି । ଏଯାବତ୍ ତାଙ୍କର ତିନିଗୋଟି ଉପନ୍ୟାସ 'ସୁସମାଚାର' (୨୦୧୨), 'ଶିଳ୍ପ ଭାଗବତ' (୨୦୧୪) ଓ 'ଇତର' (୨୦୨୧) ପ୍ରକାଶିତ । ତାଙ୍କ ଏ ଉପନ୍ୟାସଗୁଡ଼ିକ ଅଣ-ପାରମ୍ପରିକ ଉପନ୍ୟାସ ଧାରାରେ ରଚିତ ପରୀକ୍ଷାଧର୍ମୀ ସଫଳ ଉପନ୍ୟାସ ।

ସମାଜରେ ଲିଙ୍ଗ (Sex) କହିଲେ କେବଳ ପୁରୁଷ ଓ ନାରୀ କ୍ଷେତ୍ରରେ ହିଁ ସୀମିତ ରହିଯାଏ । କିନ୍ତୁ ପ୍ରକୃତିର ଅନ୍ୟ ଏକ ସୃଷ୍ଟି ତୃତୀୟ ଲିଙ୍ଗୀ (Third Gender) ପ୍ରସଙ୍ଗ ଉଠିଲେ ପ୍ରାୟତଃ ସମସ୍ତେ ଅଣଦେଖା କରନ୍ତି । ନାସା କୁଞ୍ଚନ ଓ ଘୃଣ୍ୟ ମନୋଭାବରେ ବିଚାର କରନ୍ତି । ସେହି ବର୍ଗର ବ୍ୟକ୍ତି ବିଶେଷଙ୍କୁ 'ଇତର' ତୁଲ୍ୟ ବ୍ୟବହାର କରନ୍ତି । ସେହି ତୃତୀୟ ଲିଙ୍ଗୀ ବା କିନ୍ନରମାନଙ୍କ ସଂଘର୍ଷମୟ ଜୀବନ କାହାଣୀକୁ ଆଧାର କରି ଔପନ୍ୟାସିକ ଶୁଭ୍ରାଂଶୁ ପଣ୍ଡା 'ଇତର' (୨୦୨୧) ଉପନ୍ୟାସ ରଚନା କରନ୍ତି ।

'ଇତର' ଉପନ୍ୟାସ ଏକ ସାଧାରଣ ପରିବାରର କାହାଣୀ । କିନ୍ତୁ ଏ ସାଧାରଣ କାହାଣୀ ମଧ୍ୟରେ ମୁଖ୍ୟ ଚରିତ୍ର ଭାବେ ପୂର୍ବରୁ ସୂଚିତ ତୃତୀୟ ଲିଙ୍ଗୀ ଗୋବିନ୍ଦର ସମ୍ମାନ, ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟର ପ୍ରସଙ୍ଗ ଗୁରୁତ୍ୱ ଲଭିଛି । ଯିଏ ଛୋଟବେଳୁ ନିଜକୁ ଝିଅ ରୂପରେ ସଜେଇବା ବା ଝିଅ ରୂପେ ଦେଖିବାର ଆଗ୍ରହ ରଖିଛି । ଆଉ ବୟସର ଗତି ସହ ନିଜ ପୁରୁଷ ଶରୀର ଓ ନାରୀ ମନ ମଧ୍ୟରେ ସଂଘର୍ଷ ଦେଖାଦେଇଛି । କେତେବେଳେ ନିଜକୁ 'ବେବି' ତ କେତେବେଳେ 'ଗୋବିନ୍ଦ' ରୂପରେ ଅଭିନୟ କରିବାକୁ ହୋଇଛି । ଗୋବିନ୍ଦର ଏହି ଅଭିନୟର ଯାତ୍ରା ବାବୁଲି (ଛୋଟ ବେଳର

ନାଁ)ରୁ ଆରମ୍ଭ ହୋଇ ବେବି, ତିଳ, ଗୋପୀ, ଲୀନା ଦେଇ କରୀନାରେ ଶେଷ ହେଉଛି । ଅଭିନୟର ସତ ଯେତେବେଳେ ପରିବାର ଓ ସମାଜ ଆଗରେ ଖୋଲାସା ହୋଇଛି ସେତେବେଳେ ନିଜର ସ୍ୱାଭିମାନରେ ଆଘାତ ପାଇବା ସହ ସ୍ୱାଧୀନତା ହରାଇଛି । ବାପା ଦାଦାଠାରୁ ମାଡ଼ ଖାଇ ଘରରୁ ପଳେଇବା ଠୁ' ଆରମ୍ଭ କରି ମଧୁସାର୍ ସହ ପ୍ରେମ; ବିନୋଦ ସହ ବିବାହ ତଥା ବିଭିନ୍ନ ଲୋକଙ୍କ ଧର୍ଷଣର ଶିକାର ମ୍ନ ହୋଇଛି । ଶେଷରେ ନିଜର ସ୍ୱାତନ୍ତ୍ର୍ୟ ତଥା ସମ୍ମାନ ପାଇଁ ଲଢେଇ କରି ବିଜୟ ମଧ୍ୟ ଲାଭ କରିଛି ବୋଲି କୁହାଯାଇପାରେ । କାହାଣୀ ନିକଟରେ ପ୍ରଦର୍ଶିତ ହୋଇଥିବା ଗୌରି ସାୱନ୍ତଙ୍କ ଆତ୍ମଜୀବନୀ ଆଧାରିତ ଟେଲିଭିଜନ ସିରିଜ 'ତାଳି' ସହ ସମତା ରକ୍ଷା କରେ । ଉଭୟଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ଏକ ନୂତନ ଦିଗର ଆବିଷ୍କାର କରିପାରେ ।

ଉପନ୍ୟାସର କାହାଣୀ ଭାଗ ଯେତେ ବଳିଷ୍ଠ ଓ ନୂତନ ତା'ଠୁ ତା'ର ଉପସ୍ଥାପନା ଶୈଳୀ ବେଶ୍ ଆକର୍ଷଣୀୟ । କାରଣ ଏ ଉପନ୍ୟାସରେ ମୁଖ୍ୟ ଚରିତ୍ର ଗୋବିନ୍ଦ ନିଜ ଉପରେ ଲେଖାଯିବାକୁ ଥିବା ଉପନ୍ୟାସ ସମ୍ପର୍କରେ ପାଠକକୁ କାହାଣୀ କହୁଛି । ପୁଣି ଲେଖକର ସେହି କାହାଣୀକୁ ପାଇବା ପାଇଁ କରିଥିବା ପରିଶ୍ରମ ସମ୍ପର୍କରେ ବେଳେବେଳେ ବର୍ଣ୍ଣନା ମଧ୍ୟ କରୁଛି । ଏଠାରେ ଚରିତ୍ର କଥକ ଭାବେ ଉଭା ହୋଇ କେତେବେଳେ ଲେଖକ ତ କେତେବେଳେ ପାଠକକୁ ନିଜ ଜୀବନ କାହାଣୀ ସମ୍ପର୍କରେ ସମାନ୍ତରାଳ ଭାବେ ଗପ କହି ଚାଲିଛି । ଏଠାରେ ଉପନ୍ୟାସ ସମ୍ପର୍କିତ ତା' ନିଜ କାହାଣୀ ଓ ଉପନ୍ୟାସ ସୃଷ୍ଟି ସମ୍ପର୍କିତ ଲେଖକ ଓ ଚରିତ୍ର ଜଡ଼ିତ କାହାଣୀ ଭିନ୍ନ ଭିନ୍ନ ହେଲେ ମଧ୍ୟ ଏକତ୍ର ପରିବେଷିତ । ତେଣୁ ଓଡିଆ ଉପନ୍ୟାସ ସାହିତ୍ୟରେ ପରୀକ୍ଷା ହେଉଥିବା ଏ ଧରଣର ନୂତନ ଶୈଳୀ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ଏ ଆଲେଖ୍ୟର ଲକ୍ଷ୍ୟ ।

ଉପନ୍ୟାସର ପ୍ରଥମରୁ ହିଁ ଗୋବିନ୍ଦ ନିଜର ନ୍ୟୁନତା ସମ୍ପର୍କରେ ପାଠକଙ୍କୁ ଅବଗତ କରାଉଛି । ସମାଜରେ ତାଙ୍କ ଶ୍ରେଣୀର ଲୋକଙ୍କର ସ୍ଥିତି କିଭଳି, ସମାଜରେ ତାଙ୍କ ସ୍ଥାନ କେଉଁଠି ତାହା ଉପନ୍ୟାସର ପ୍ରଥମ ବାକ୍ୟରୁ ହିଁ ଆକଳନ କରିହେବ । "ମୁଁ ଆପଣମାନଙ୍କ ଭଳି ନୁହେଁ । ଯଦିଓ ମୋର ଆପଣମାନଙ୍କ ଭଳି ଏକ ସାଧାରଣ ଶରୀରଟିଏ ଅଛି । ଦୁଇଟି ହାତ, ଦୁଇଟି ଗୋଡ, ଦୁଇଟି ଆଖି ଓ ଦୁଇଟି କାନ ଅଛି । ଯଦିଓ ମୋର ଆପଣଙ୍କ ଭଳି ନାକ, ପାଟି, ଜିଭ ସବୁ ଅବିକଳ ଅଛି-ତଥାପି ମୁଁ ଇତର ।"[୨] ଚରିତ୍ରଟି ନିଜର ଓ ଅନ୍ୟର ଶାରୀରିକ ତୁଳନା ପୂର୍ବକ ନିଜକୁ ଇତର ବୋଲି କହିବା ମଧ୍ୟରେ ପ୍ରତ୍ୟକ୍ଷ ଭାବେ ନିଜ ହୀନମନ୍ୟତା ସମ୍ପର୍କରେ କହୁଥିଲେ ମଧ୍ୟ ଔପନ୍ୟାସିକଙ୍କ ବ୍ୟଙ୍ଗ ମନୋଭାବକୁ ଏଠାରେ ଲକ୍ଷ୍ୟ କରିହେବ । ସମାଜର ଭଦ୍ରମୁଖା ଧାରଣ କରି ଅଭିନୟ କରୁଥିବା ସଭ୍ୟ ଓ ଚିନ୍ତାଶୀଳ ମଣିଷଙ୍କ ପ୍ରତି ଏକ ଶକ୍ତ ଚାପୁଡା ବୋଲି ମଧ୍ୟ କୁହାଯାଇପାରେ । ଏ କ୍ଷେତ୍ରରେ ଚରିତ୍ରର ଚାରିତ୍ରିକ କ୍ଷୟ ଘଟୁ ନାହିଁ ବରଂ ସମାଜରେ ତା'ର ସ୍ୱତନ୍ତ୍ର ସ୍ଥାନ ପାଇଁ ସ୍ୱର ଉତ୍ତୋଳନ କରାଯାଉଛି । ଯାହା ଉପନ୍ୟାସରେ କଳାହାସ୍ୟ (Black Humour) ର ଅନ୍ତର୍ଗତ । କିନ୍ତୁ ଏ କଳାହାସ୍ୟ ଉପନ୍ୟାସରେ ବହୁ ସମୟରେ ଲକ୍ଷ୍ୟ କରିହେବ । ଯେତେବେଳେ ଚରିତ୍ର କାହାଣୀ ବର୍ଣ୍ଣନା କରୁଛି ସେ ସମୟରେ ଲେଖକଙ୍କ କାହାଣୀ ପାଇଁ ଅସହାୟତା ହେଉ ବା କାହାଣୀରେ ଆଦର୍ଶହୀନତା ସମ୍ପର୍କରେ ଜଣାଇବା ବେଳେ ହେଉ ବା କାହାଣୀର ସଂଲକ୍ଷ୍ୟକ୍ରମରେ ବାଧାପ୍ରାପ୍ତ ବା ଉପନ୍ୟାସର ସଂରଚନାଜନିତ ସମୀକ୍ଷା ବେଳେ; ଏଭଳି ପ୍ରତି ପ୍ରସଙ୍ଗ ବର୍ଣ୍ଣନା ସମୟରେ ଉପନ୍ୟାସର ଅଣ-ପାରମ୍ପରିକ କୌଶଳକୁ ଲକ୍ଷ୍ୟ କରିପାରିବା ।

ଏକବିଂଶ ଶତାବ୍ଦୀର ଉପନ୍ୟାସ ରଚନା କ୍ଷେତ୍ରରେ ମୁଖ୍ୟ ଚରିତ୍ର ବା ନିଜେ ଲେଖକ, କଥକ ଭୂମିକାରେ ଅବତୀର୍ଣ୍ଣ ହୋଇ କାହାଣୀ କହିବା ଏବଂ ତାହା ଉପନ୍ୟାସରେ ରୂପାନ୍ତରିତ ହେବା ଭଳି କୌଶଳ ପ୍ରାୟ ପରିଦୃଷ୍ଟ ହୁଏ । ଏ ଉପନ୍ୟାସୀୟ କୌଶଳ ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀର ଏକ ସାଧାରଣ ଧର୍ମ । ଉକ୍ତ ଉପନ୍ୟାସରେ ଲେଖକ ଭିନ୍ନ 'ପ୍ରତିନିଧିତ୍ୱ ଚରିତ୍ର' ଉପନ୍ୟାସର କାହାଣୀ ଭାଗ ପାଠକ ବର୍ଗକୁ ଶୁଣାଇବା ଭଳି ଉପସ୍ଥାପନା କଲା ବେଳେ ନିଜ କାହାଣୀ ଉପନ୍ୟାସର ରୂପ ପାଇବା ପୂର୍ବର କାହାଣୀ ମଧ୍ୟ ବର୍ଣ୍ଣନା କରୁଛି । ଲେଖକ ସବୁବେଳେ ନିତ୍ୟ ନୂତନ ବିଷୟ ପ୍ରତି ଆଗ୍ରହ ରଖେ । ପାଠକଙ୍କ ସ୍ୱାଦ ଅନୁଯାୟୀ ସାମ୍ପ୍ରତିକ ଚର୍ଚ୍ଚିତ ପ୍ରସଙ୍ଗ ଜନିତ ରଚିପୂର୍ଣ୍ଣ କାହାଣୀକୁ କଳାତ୍ମକ ରୂପ ଦିଏ । ସେଥିପାଇଁ ସେ କେତେ ଶ୍ରମ ଓ ନିନ୍ଦା ସ୍ୱୀକାର କରେ ସେ କାହାଣୀ ପାଠକ ଜାଣିବାର ସୁଯୋଗ ପାଇପାରେନି । କିନ୍ତୁ ଏ ଉପନ୍ୟାସର ମୁଖ୍ୟ ଚରିତ୍ର ନିଜେ ସେ ଲେଖକଙ୍କ କାହାଣୀ ସଂଗ୍ରହ ଓ ଉପନ୍ୟାସ ସୃଷ୍ଟି ହେବା ପଛର କାହାଣୀକୁ ପାଠକ ସମ୍ମୁଖରେ ଉପସ୍ଥାପିତ କରିଛି । ତା'ର ସତ୍ୟତା ସନ୍ଧାନ ଏକ ଦୁରୂହ ବ୍ୟାପାର ହେଲେ ମଧ୍ୟ ପାଠକର ଏ ପ୍ରତି ଏକାତ୍ମ ହେବାର ସମ୍ଭାବନା ଖୁବ୍ ବେଶୀ ହୋଇଉଠେ । ଏ କୌଶଳ ସାମ୍ପ୍ରତିକ ସମୟର ଏକ ଅଭିନବ କୌଶଳ । ଯେପରି ଚରିତ୍ର କୁହେ, "ଏ ଲୋକଟି, ଯିଏ ମୋ କଥା ଆପଣଙ୍କ ପାଖରେ

ପହଞ୍ଚାଇବାର କଷ୍ଟ କରିଛି, ତାଆରି ଅନୁରୋଧରେ ମୁଁ ମୁହଁ ଖୋଲିବାକୁ ନିଷ୍ପତ୍ତି ନେଲି । ଏ ଲେଖକ ମୋ ପକ୍ଷରୁ କଥା ପଦେ ଆଦାୟ କରିବ ବୋଲି କେତେ ଯେ ପରିଶ୍ରମ କରିଛି ଭାବିଲେ ହସ ମାଡୁଛି, ଦୟା ବି ଲାଗୁଛି । xxx ଅବଶ୍ୟ ଏ ଲୋକ ବି କୋଟି କୋଟି ସ୍ୱାର୍ଥପର ମଣିଷଙ୍କ ଭିତରୁ ଗୋଟିଏ ହୋଇପାରେ । କାହାଣୀ ଖୋଜି ଖୋଜି ଯେବେ ନିରାଶ ହୋଇଥିବ ଏବଂ ନିଜର ଲେଖକ ପଣିଆ ଜାହିର୍ କରିବା ପାଇଁ ଗୋଟେ କିଛି ଚମକ ସୃଷ୍ଟି କରିବାର ଯୋଜନାରେ ଥିବ, ହୁଏତ ତାକୁ ମୋ କାହାଣୀ ଲୋଡା ପଡିଥିବ" ।[୩] ଏଭଳି ବକ୍ତବ୍ୟ ଉପନ୍ୟାସର କାହାଣୀ ସଂଗ୍ରହ ଓ କାହାଣୀ ସଂରଚନାର କାଳ୍ପନିକତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ ମଧ୍ୟ ଏହା ଭିତରେ ଅନୁସନ୍ଧାନ କରିହେବ ଜଣେ ତୃତୀୟ ଲିଙ୍ଗୀର ନିଜ କାହାଣୀ ପ୍ରତି ଥିବା ଅପ୍ରାସଙ୍ଗିକ ମନୋଭାବକୁ । ଉପନ୍ୟାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚରିତ୍ର ମୁହଁରେ କାହାଣୀର ସନ୍ଦିହାନ ଅବସ୍ଥାକୁ ବର୍ଣ୍ଣନା କରୁଥିଲେ ମ୍ଭ ସେଭଳି ଭଙ୍ଗୀ ମାଧ୍ୟମରେ ପାଠକଙ୍କୁ କାହାଣୀର ବୈଚିତ୍ର୍ୟ ବା ନୂତନତା ସମ୍ପର୍କରେ ଅବଗତ କରାଇବା ଲେଖକର ବର୍ଣ୍ଣନା ଚାତୁରୀ ବୋଲି ଅନୁମେୟ ହେବ ।

ପୂର୍ବରୁ ସୂଚିତ ଯେ, ଚରିତ୍ର କାହାଣୀ ଓ କାହାଣୀ ପଛର ପୃଷ୍ଠଭୂମି ସମ୍ପର୍କରେ ବର୍ଣ୍ଣନା କରୁଥିବାରୁ ଲେଖକ ମଧ୍ୟ ଏଠାରେ ପ୍ରତ୍ୟକ୍ଷ ଭାବେ ଏକ ସହାୟକ ଚରିତ୍ର ଭାବରେ ଦେଖାଦିଅନ୍ତି । ଏହା ଦ୍ୱାରା ଉପନ୍ୟାସର କାଳ୍ପନିକ କଳା (Fiction Art) ଓ କାହାଣୀର ବାସ୍ତବତା (Story of Reality) ମଧ୍ୟରେ ଥିବା ସୀମାରେଖା ଭଙ୍ଗ ହୋଇ ପାଠକଲା ମନରେ ଏକ ପ୍ରକାର ସଂଶୟ ସୃଷ୍ଟି ହୁଏ । ଯାହା ପ୍ରାୟତଃ ଆତ୍ମ-ସଚେତନମୂଳକ ଉପନ୍ୟାସ କ୍ଷେତ୍ରରେ ହିଁ ଲକ୍ଷ୍ୟ କରିପାରିବା । ଉକ୍ତ ଉପନ୍ୟାସରେ ଏ ସଂଶୟଟି ସେତେବେଳେ ଦୃଢିଭୂତ ହୁଏ ଯେତେବେଳେ ଚରିତ୍ରଟି ଲେଖକକୁ ଉପନ୍ୟାସ ସୃଷ୍ଟି ପାଇଁ ନିଜ କାହାଣୀ କହୁଥିବାର ପ୍ରସଙ୍ଗ ଆସେ । ସେ କାହାଣୀ କହିବା ପାଇଁ ମଧ୍ୟ ଲେଖକଙ୍କ ଆଗରେ ପ୍ରଥମେ କିଛି ସର୍ତ୍ତ ରଖେ, "ଦେଖ ଏ କାହାଣୀ ମୋର । ଏଣୁ ମୁଁ ଯେମିତି କହିବି ସେମିତି ହିଁ ଲେଖିବୁ ଟିକିଏ ବି ବଦଳାଇବୁ ମୋର ଲେଖକ ହେବାର ସ୍ପୃହା ନାହିଁ । ତୁ ଯଦି ମୋ କାହାଣୀ ଲେଖି ପ୍ରସିଦ୍ଧି ସାଉଁଟିବୁ ସେଥିରେ ମୋର କିଛି ଯାଏ ଆସେ ନା । କିନ୍ତୁ ଖବରଦାର, ମୋ କାହାଣୀରେ ଟିକିଏ ବି ଖାଦ ମିଶାଇବୁ ନାହିଁ । ମୁଁ ଯେଉଁମାନଙ୍କ ନାମ ନେବି ଯେଉଁ ଘଟଣା ସମ୍ପର୍କରେ କହିବି ସବୁ ରଖିବୁ" ।[୪] ଏଥିରୁ ସ୍ପଷ୍ଟ ହେଉଛି ଯେ ଉପନ୍ୟାସରେ ବର୍ଣ୍ଣନାକାରୀ (Narrator) ଓ ଲେଖକ (Author) ଙ୍କ ସ୍ୱରୂପ ଭିନ୍ନ ଭିନ୍ନ । ବାବର୍ଣ୍ଣନାକାରୀର ଭୂମିକା ପ୍ରତ୍ୟକ୍ଷ ଓ ଗତିଶୀଳ ଥିଲା ବେଳେ ଲେଖକଙ୍କ ଉପସ୍ଥିତି ପରୋକ୍ଷ ଓ ମନ୍ଥର । ମାତ୍ର ବାରମ୍ବାର ଚରିତ୍ରର ଭୟ ଲେଖକର କାଳ୍ପନିକତା ପ୍ରତି; ପାଠକର କାହାଣୀ ମନୋଭାବକୁ ଭଙ୍ଗ କରେ । କାହାଣୀଟି ପାଠକ ନା ଲେଖକଙ୍କ ସମ୍ମୁଖରେ ଉପସ୍ଥାପିତ ତାହା ମଧ୍ୟ ଅନୁମାନ କରିବା କଷ୍ଟକର ହୋଇଉଠେ । ପୁଣି ଉପନ୍ୟାସର ସଜ୍ଜିତ କଳାତ୍ମକ କଥା ନା ଚରିତ୍ର ମୁଖରେ ବର୍ଣ୍ଣିତ ସିଧାସଳଖ ପ୍ରକାଶିତ ବିଚ୍ଛିନ୍ନ କାହାଣୀ (Raw Material) ତାହା ମଧ୍ୟ ସନ୍ଦେହ ଘେରକୁ ଟାଣି ନିଏ । କ୍ରମାନ୍ୱୟରେ ବର୍ଣ୍ଣିତ କାହାଣୀ ମଧ୍ୟରେ ବାରମ୍ବାର ଲେଖକ ସହ ଚରିତ୍ରର ସମୀକ୍ଷାତ୍ମକ ସଂଳାପ ତଥା ପାଠକକୁ ସମ୍ବୋଧନ ପୂର୍ବକ ଉପନ୍ୟାସର ସଂରଚନା ଦିଗ ସମ୍ପର୍କରେ ଆଲୋଚନା ଧର୍ମୀ ବର୍ଣ୍ଣନା ପାଠକର କାଳ୍ପନିକ କାହାଣୀ ପ୍ରତି ଥିବା ଧାରାକୁ ଭାଙ୍ଗି (Fourth wall breaking) ଦିଏ । 'ଇତର' ଉପନ୍ୟାସରେ ଏ ପ୍ରକାର ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀ ଏକବିଂଶ ଶତାବ୍ଦୀର ଉପନ୍ୟାସ ରଚନା କ୍ଷେତ୍ରରେ ନୂଆ ଧାରାକୁ ଜନ୍ମ ଦିଏ । ଆତ୍ମ-ସଚେତନମୂଳକ ଉପନ୍ୟାସରେ କଳ୍ପନା ଓ ବାସ୍ତବ ମଧ୍ୟରେ ଅଭେଦତ୍ୱ କଳ୍ପିତ ହେବା ସମ୍ପର୍କରେ Robert Alter ତାଙ୍କ ପୁସ୍ତକ 'Partial Magic:the novel as self conscious general' ରେ ଆତ୍ମ-ସଚେତନମୂଳକ ଉପନ୍ୟାସର ଏ କୌଶଳ ସମ୍ପର୍କରେ କହିଛନ୍ତି, "The self conscious novel 'a novel which systematically flaunts its own condition of artifice and so doing probes into the problematic relationship between real seeming artifice and reality".[୫]

'ଇତର' ଉପନ୍ୟାସରେ ଉପନ୍ୟାସର ସଂରଚନା ସମ୍ପର୍କରେ ବର୍ଣ୍ଣନା କ୍ଷେତ୍ରରେ ପାଠକ ଉପନ୍ୟାସର ଗଢଣ ଉପାଦାନ ବା କାଳ୍ପନିକତା ପ୍ରତି ସଂଶୟ ରଖିଲେ ମଧ୍ୟ ତା'ର କାହାଣୀ ଓ ଚରିତ୍ର ପ୍ରତି ସିଧାସଳଖ ଏକାତ୍ମ ହୋଇଉଠିବାର ଲକ୍ଷ୍ୟ କରିପାରିବା । ଏସବୁ ବର୍ଣ୍ଣନା ଚାତୁରୀ ପାଠକକୁ ଉପନ୍ୟାସର କାହାଣୀ ସହ ଅନ୍ତରଙ୍ଗ କରି ବାସ୍ତବର ନିକଟତର ବୋଲି ପ୍ରତୀତ କରାଏ । ଗୋବିନ୍ଦ ଯେତେବେଳେ ନିଜ ଅଙ୍ଗେ ନିଭାଇଥିବା କାହାଣୀକୁ ପାଠକ ସମ୍ମୁଖରେ କହୁଥାଏ ସେ ସମୟରେ ପାଠକ ଏ ସହ ଯୋଡ଼ି ଯାଇ ଉପନ୍ୟାସର କଳ୍ପନା ଦିଗକୁ ଉପେକ୍ଷା କରେ । ମାତ୍ର ପରବର୍ତ୍ତୀ ସମୟରେ ଲେଖକ ଓ ଚରିତ୍ର ମଧ୍ୟରେ ହେଉଥିବା ବାର୍ତ୍ତାଳାପ ପାଠକକୁ ପୁଣି ସଚେତନ କରାଏ ଯେ ସେ ଯାହା ପାଠ କରୁଛି ତାହା କଳ୍ପନାଶ୍ରୟୀ ।

କଥା, ଭାବ, ଚରିତ୍ର, ପରିବେଶ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ଆଦି ବିଭିନ୍ନ ଉପାଦାନର ସମାହାର ଉପନ୍ୟାସ ଭଳି ଏକ କଳାତ୍ମକ ରୂପକୁ ସୃଷ୍ଟି କରେ । ଏହି ପ୍ରତିଟି ଉପାଦାନ ଉପନ୍ୟାସର ମୁଖ୍ୟ ଚରିତ୍ର ମୁହଁରେ କାହାଣୀ ଛଳରେ ବିଶ୍ଳେଷିତ ହେଉଛି । ନିଜ ଜୀବନରେ ବହୁ ପୁରୁଷର ସଂସ୍ପର୍ଶରେ ଆସିଥିବା ଗୋବିନ୍ଦ ନିଜ ଜୀବନ କାହାଣୀର ନାୟକ ଭାବେ ବିନୋଦକୁ ଦେଖୁଥିବା ବେଳେ; ତାଙ୍କ ଦୁଇଜଣଙ୍କ କାହାଣୀ ବାରମ୍ବାର ଶୁଣିବା ପାଇଁ ଲେଖକ ଅନାଗ୍ରହ ପ୍ରକାଶ କରୁଥିବା ପ୍ରସଙ୍ଗ ସେ ପାଠକଙ୍କ ଆଗରେ ପ୍ରକାଶ କରୁଛି । ପୁଣି ପାଠକକୁ ପତିଶ୍ରୁତି ମଧ୍ୟ ଦେଉଛି ଯେ, "ଲେଖକର ଇଚ୍ଛା କରୁନଥିବାରୁ ଏ କାହାଣୀରେ ଆପଣମାନେ ବିନୋଦ ବାବଦରେ ବିଶେଷ କିଛି ପଢିବେ ନାହିଁ । କିନ୍ତୁ ଯଦି କେବେ ସୁଯୋଗ ମିଳେ ମୁଁ ବିନୋଦର କାହାଣୀ ବଖାଣିବି ଆପଣଙ୍କ ସାମ୍ନାରେ । ବଖାଣିବି ସେଇ ପାଞ୍ଚ ମାସର ସୁଖ ଆଉ ସ୍ୱପ୍ନଜୀବନ କଥା" ।(୬) କିନ୍ତୁ ଉପନ୍ୟାସ ମଧ୍ୟରେ ଏ ଦୁଇଜଣଙ୍କ ସେହି ପାଞ୍ଚ ମାସର କାହାଣୀ ଆଉ ବର୍ଣ୍ଣନା ହୋଇନାହିଁ । ଏଭଳି ବକ୍ତବ୍ୟ ଉପସ୍ଥାପନା କ୍ଷେତ୍ରରେ ଅନୁମାନ କରିହେବ ଯେ ଲେଖକ ପାଠକ ମନରେ ଜଣେ ତୃତୀୟ ଲିଙ୍ଗୀର ପ୍ରେମ କାହାଣୀର ବୀଜ ରୋପଣ କରୁଛନ୍ତି । ଯାହା ପାଠକକୁ ଚରିତ୍ରର ଜୀବନ କାହାଣୀ ପ୍ରତି ବିଶ୍ୱସନୀୟ କରାଇବାର ପ୍ରୟାସ ବୋଲି କୁହାଯାଇପାରେ । ବର୍ଣ୍ଣନାକାରୀର କାହାଣୀ ମଧ୍ୟରେ ନିଜ ନ୍ୟୁନତାକୁ ଉଲ୍ଲେଖ ପୂର୍ବକ ଲିଙ୍ଗଭେଦ ଯୋଗୁ ନିଜ ନାୟକତ୍ୱହୀନକୁ ପ୍ରକାଶ କରି ଭିନ୍ନ ଏକ ଚରିତ୍ରକୁ ନାୟକତ୍ୱ ପ୍ରଦାନ କରିବା ପାଇଁ ଲେଖକଙ୍କ ସହ ସଂଘର୍ଷ ଦେଖା ଦେଉଥିବା ବେଳେ ଲେଖକ ଉପନ୍ୟାସର ଚରିତ୍ର ଚୟନ ସମ୍ପର୍କରେ ସମୀକ୍ଷାତ୍ମକ ମନ୍ତବ୍ୟ ପ୍ରକାଶ କରି କହନ୍ତି, "ତୋ ଗାଁର ଶସ୍ତା ଡ୍ରାମା ଆଉ ତୋର ଏ କାହାଣୀ ଭିତରେ ଆକାଶ ପାତାଳ ତଫାତ୍ । ଆମେ ଯେଉଁ କାହାଣୀ ଲେଖୁ ସେ କାହାଣୀରେ ନାୟକର କିଛି ଲିଙ୍ଗଭେଦ ନଥାଏ । ପୁରୁଷ, ନାରୀ, ତୃତୀୟ ଲିଙ୍ଗୀ, ପଶୁପକ୍ଷୀ, ଗଛବୃଛ, ଏପରିକି ଏକ ନିର୍ଜୀବ ବସ୍ତୁ ବି କାହାଣୀର ନାୟକ ହୋଇପାରେ । ଏ କାହାଣୀର ନାୟକ ତୁ, ଏ କାହାଣୀର ତୁ ହିଁ ହେଉଛୁ ହିରୋ" ।(୭) ସମାନ ଭାବରେ କାହାଣୀର 'ଉତ୍କଣ୍ଠା' ଓ 'ପରିଣତି' ବା 'ଉପସଂହାର' ସମ୍ପର୍କରେ ଚରିତ୍ର ପାଠକକୁ ବିଶ୍ଳେଷଣ କରୁଥିବାର ପ୍ରସଙ୍ଗ ମଧ୍ୟ ଉପନ୍ୟାସରେ ଠଉରେଇ ହେବ । ଯେଉଁଠି ପାଠକକୁ ଚରିତ୍ର ପ୍ରଶ୍ନ କରୁଛି, "ତେବେ ମୋ କାହାଣୀରେ କଣ ଉତ୍କଣ୍ଠା ନାହିଁ । ଏତିକି ଜାଣିବା ପାରେ ଆଗକୁ କଣ ଘଟିବ ବୋଲି ଆପଣ ଧନ୍ଦି ହେଉ ନାହାନ୍ତି ? ଯଦି ଆପଣ ପଢି ପଢି ବିରକ୍ତ ହେଲେଣି ତେବେ ମନେ ରଖନ୍ତୁ ସେଇଟା ମୋର ଦୋଷ ନୁହେଁ । ମୁଁ ମୋର କାହାଣୀ କହିଚାଲିଛି । ମୁଁ ଯେମିତି ଜୀବନ ଭୋଗିଛି ଠିକ ସେମିତି ଲେଖକକୁ ଶୁଣାଇଛି । ତାକୁ ଆପଣଙ୍କ ସମ୍ମୁଖରେ କିଭଳି ପରଷିବ ତାହା ତ ଲେଖକର ଦାୟିତ୍ୱ । ସେ କେଉଁ କଥା କହିବ, କେଉଁ କଥା ଉହ୍ୟ ରଖି ଆପଣଙ୍କ ଉତ୍କଣ୍ଠା ବଢାଇବ ସେ ନିଷ୍ପତି ତ ଲେଖକର । ଆପଣ ମୋ କାହାଣୀକୁ ପଢିବେ ବା ଆଡେଇ ଦେଇ ଚାଲିଯିବେ, ସେ ନିଷ୍ପତି ଆପଣଙ୍କର" ।(୮) ସ୍ରଷ୍ଟା ନିଜ ସୃଷ୍ଟିକୁ ନିଜ କଳ୍ପନା ବଳରେ ସରସ ସୁନ୍ଦର କରି ଗଢି ତୋଳେ । ସେଇଠି ସ୍ରଷ୍ଟାର ସମ୍ପୂର୍ଣ୍ଣ ସ୍ୱାଧୀନ ଥାଏ । ତେଣୁ ଏଠାରେ ଗ୍ରହଣ କରିନେବାକୁ ପାଠକ ବାଧ୍ୟ ହୁଏ ଯେ କାହାଣୀ ବର୍ଣ୍ଣନାକାରୀ ଓ ଉପନ୍ୟାସର ସ୍ରଷ୍ଟା ସମ୍ପୂର୍ଣ୍ଣ ରୂପେ ଭିନ୍ନ । ତେଣୁ ଲେଖକ କେଉଁ କ୍ରମରେ, କେଉଁ ଗଠନ ଉପାଦାନଗୁଡିକ ନେଇ ଉପନ୍ୟାସକୁ ଶୃଙ୍ଖଳ କରି ଆକର୍ଷଣୀୟ କରିବ ତାହା ନିଜ ଉପରେ ନ୍ୟସ୍ତ ଥାଏ । କିନ୍ତୁ ପ୍ରକୃତରେ ଉପନ୍ୟାସର ଉପସ୍ଥାପନା ନିମନ୍ତେ ଚରିତ୍ରର ବର୍ଣ୍ଣନାକାରୀ ଭାବେ ପରିବେଷଣ ହେବା ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀର ଏକ ମାଧ୍ୟମ ଭାବେ ବିଚାର କରିବାକୁ ହେବ । ଏଠି ଲେଖକ ସଚେତନ ଭାବେ ଏ ପ୍ରକାର ଶୈଳୀର ପରୀକ୍ଷା କରିଛନ୍ତି । ଉପନ୍ୟାସର ପାରମ୍ପରିକ ବିଚ୍ୟୁତି ଘଟି ଦୋଷଯୁକ୍ତ ହେଲେ ତାହା ବର୍ଣ୍ଣନାକାରୀର ପରିବେଷଣ ଉପରେ ନିର୍ଭର ହେଉଥିବା ବେଳେ ଆନନ୍ଦ ଓ ଉତ୍କଣ୍ଠାପୂର୍ଣ୍ଣ ହେଲେ ଲେଖକଙ୍କ କଳାପୂର୍ଣ୍ଣ ଚାତୁରୀ ବୋଲି ବୁଝାଯିବ । ଔପନ୍ୟାସିକଙ୍କ କାଳଗତ କୌଶଳ ପାଠକଙ୍କ ମାନସ ମନ୍ଥନ କ୍ଷେତ୍ରରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରୁଛି ।

କାହାଣୀର ଆରମ୍ଭ ଓ ବିକାଶ ଯେକୌଣସି ରକମର ହେଲେ ଚଳିଯିବ । କିନ୍ତୁ ସାମ୍ପ୍ରତିକ ସମୟର ରଚନାରେ ପରିଣତି ସବୁବେଳେ ଆଚମ୍ବିତ, ଅକସ୍ମାକ, ଅସମ୍ପୂର୍ଣ୍ଣ ବା ଅଭାବପୂର୍ଣ୍ଣ ହୁଏ । ସେ ଅଭାବ ପାଠକର ମାନସକୁ ରୋମନ୍ଥନ କରି ମନରେ ଦ୍ୱନ୍ଦ୍ୱ, ଉତ୍କଣ୍ଠାକୁ ଉଦଜୀବିତ କରେ ଓ ଜନ୍ମ ଦିଏ ପୁଣି ଏକ ନୂଆ କାହାଣୀ । ଏହି ଉପନ୍ୟାସରେ ମଧ୍ୟ ଚରିତ୍ର କାହାଣୀର ପରିଣତି ବା ଉପସଂହାର ରୋମାଞ୍ଚକର ହୋଇନପାରିବା ପ୍ରସଙ୍ଗ ବାରମ୍ବାର ଉଠାଉଥିଲେ ମଧ୍ୟ ସେଥିରୁ ବଞ୍ଚିତ ହୋଇନାହିଁ । ଯେଉଁଭଳି ପରିଣତି ଚରିତ୍ର ନିଜ ବର୍ଣ୍ଣଥିବା କାହାଣୀ ମଧ୍ୟରେ ଚାହୁଁଥିଲା ତାହା ପାଠକ ସେଠାରେ ଖୋଜି ହେଉଥିବା ବେଳେ ଲେଖକ ଚରିତ୍ରକୁ ଗୋଟେ ସରପ୍ରାଇଜ୍ ଦେବା କଥାର ଉଲ୍ଲେଖ କରିଛନ୍ତି । ସେ ସରପ୍ରାଇଜ୍ କ'ଣ ହୋଇପାରେ ତାହା ଚରିତ୍ରଟି ଭାବି ହେବା

ଭିତରେ ପାଠକ ମନରେ ମଧ୍ୟ ସେହି ସମାନ ପ୍ରକାର ପରିସ୍ଥିତି ଦେଖାଦିଏ । ଚରିତ୍ରଟି ବିନୋଦ ସହ ମିଳନ ହେବାର ଆକାଂକ୍ଷା ପାଠକ ମନରେ ସୃଷ୍ଟି କରେ ଉତ୍କଣ୍ଠା । ଏତିକି ସମୟରେ ଲେଖକ ନିଜ ପରିବାରକୁ ପରିଚୟ କରାଏ ଚରିତ୍ର ସହ । ଏ କ୍ଷେତ୍ରରେ ପାଠକ ଓ ଚରିତ୍ର ମନରେ ଥିବା ଉତ୍କଣ୍ଠାର ମାତ୍ରା କମି ଆସୁଥିବାବେଳେ ଉଭା ହୁଏ ତାର 'ବୋଉ' । ଯିଏ ତାକୁ ସବୁ ବିପଦରୁ ରକ୍ଷା କରିଆସିଥିଲା । ସମାଜ ଓ ପରିବାରର ନାନା ନିନ୍ଦା ଅପବାଦରୁ ସୁରକ୍ଷା ଦେଇ ଆସୁଥିଲା । ଏଠାରେ ଚରିତ୍ରର କାହାଣୀ ମୂଳରେ ଥିବା ଗୋଟେ ଚରିତ୍ର (ବୋଉ)କୁ ଲେଖକ ପ୍ରତ୍ୟକ୍ଷ ଭାବେ ବାସ୍ତବ ଜଗତକୁ ଆଣିବା ପାଠକ ମନରେ ଥିବା କାଳ୍ପନିକତାକୁ ନଷ୍ଟ କରିଦିଏ । ପାଠକକୁ ପ୍ରକୃତରେ କାହାଣୀର ବାସ୍ତବତା ରହିଛି ବୋଲି ପ୍ରତୀତ ହୋଇ ବସେ । ଉପନ୍ୟାସର ଶେଷକୁ ଲୋକକାହାଣୀ ଢାଞ୍ଚାରେ ଚରିତ୍ରଟି କହୁଛି, 'ମୋ କଥାଟି ସାରିଲା', ଲେଖକ କହୁଛି 'କିନ୍ତୁ ଫୁଲ ଗଛ ମରିନାହିଁ ଏଯାଏଁ' । ଏକବିଂଶ ଶତାବ୍ଦୀର କଥା ସାହିତ୍ୟ କ୍ଷେତ୍ରରେ କାହାଣୀର ଉପସଂହାର ନାହିଁ ବରଂ ସେଠାରୁ ଆଉ ଏକ କାହାଣୀଟିଏ ଜନ୍ମ ନେବାର ପ୍ରତୀତ ଆସେ । ତେଣୁ ଚରିତ୍ର କହୁଛି, "ପାର୍କର ବେଞ୍ଚ ଉପରେ ପୁଣି ନୂଆ କାହାଣୀଟିଏ ଦାନା ବାନ୍ଧିବା ଆରମ୍ଭ କଲା" ।[୯]

'ଇତର' ଉପନ୍ୟାସ ତୃତୀୟ ଲିଙ୍ଗୀକୁ ମୁଖ୍ୟ ଚରିତ୍ର ଭାବେ ଗ୍ରହଣ କରି ରଚିତ ହୋଇଥିବା ପ୍ରଥମ ଉପନ୍ୟାସ ବୋଲି ଅନୁମାନ ହୁଏ । ଏହି ଉପନ୍ୟାସରେ କିନ୍ନରମାନଙ୍କ ଅସ୍ତିତ୍ୱ ସମ୍ପର୍କରେ କେବଳ ବର୍ଣ୍ଣନା ହୋଇନାହିଁ; ବରଂ ସେମାନଙ୍କ ଅବସ୍ଥା ଓ ପରିସ୍ଥିତି ସମ୍ପର୍କରେ ମଧ୍ୟ ନାନା ଘଟଣା ଦେଇ ଉଲ୍ଲେଖ ରହିଛି । ପ୍ରକୃତରେ ଗୋବିନ୍ଦ ଚରିତ୍ର ଦେଇ ସେମାନଙ୍କ ସଂଘର୍ଷମୟ କାହାଣୀ, ସେମାନଙ୍କ ସମ୍ମାନ, ସେମାନଙ୍କ ସ୍ୱାଭିମାନ, ସେମାନଙ୍କ ସ୍ୱାଧୀନ, ସେମାନଙ୍କ ସ୍ୱାତନ୍ତ୍ର୍ୟ ପାଇଁ ସ୍ୱର ଉତ୍ତୋଳନ କରାଯାଇଛି । ସମାଜରେ ସମସ୍ତେ ପାଉଥିବା ସୁବିଧା ଓ ନ୍ୟାୟ ସେମାନଙ୍କୁ ମଧ୍ୟ ମିଳୁ ତାହା କାହାଣୀ ମଧ୍ୟରେ ଦୃଷ୍ଟି ଆକର୍ଷଣ କରାଯାଇଛି ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଉତ୍‌ଥାପନ କରି । ପୁଣି ଏଭଳି ଏକ ବୈଚିତ୍ର୍ୟପୂର୍ଣ୍ଣ କାହାଣୀକୁ ସାଧାରଣ ପାରମ୍ପରିକ ଶୈଳୀରେ ଉପସ୍ଥାପନା କରାନଯାଇ ଅଣପାରମ୍ପରିକ ଶୈଳୀକୁ ଆପଣେଇ ନିଆଯାଇଛି । ଯେଉଁଠି କାହାଣୀର ବୈଚିତ୍ର୍ୟତା ସଫଳ ଭାବେ ବୈଚିତ୍ର୍ୟପୂର୍ଣ୍ଣ ଆତ୍ମ-ସଚେତନ ଶୈଳୀରେ ପରୀକ୍ଷାଧର୍ମୀ ଭାବେ ଉପସ୍ଥାପିତ ହୋଇପାରିଛି ।

**ପ୍ରାନ୍ତଟିକା:**


୧. Landa, Gracia, Jose Angela, Notes on Metafiction, University of Zargoza, 2014, page no.2

୨. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୪

୩. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୦

୪. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୨

୫. Landa, Gracia, Jose Angela, Notes on Metafiction, University of Zargoza, 2014, page no.2

୬. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୭୯-୮୦

୭. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୭୮-୭୯

୮. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୬୯

୯. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୪୬



ଓଡ଼ିଆ ଅଧ୍ୟାପକ
ବେଳାଭୂମି ମହାବିଦ୍ୟାଳୟ, ଅଭଣା,
ବାଲେଶ୍ୱର-୭୫୬୦୫୧
ଦୂରଭାଷ : ୯୯୩୮୧୧୭୫୪୦